## ନିମାପଡ଼ା ନିର୍ବାଚନ ମଣ୍ଡଳୀ

# ୧୩ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୨,୪୭,୫୦୦ ଭୋଟର

### ବିଜେଡି ପ୍ରାର୍ଥୀଙ୍କ ଜୋର୍‌ଦାର ପ୍ରଚାର



**ନିମାପଡା,୨୮।୫(ସମିସ):** ଜଗତସିଂହପୁର ଲୋକସଭା ମଣ୍ଡଳୀ ଅନ୍ତର୍ଗତ ନିମାପଡା ନିର୍ବାଚନ ମଣ୍ଡଳୀ ଚଳିତଥର ବେଶ ଚର୍ଚ୍ଚାରେ ରହିଛି। ଚଳିତଥର ନିମାପଡା ନିର୍ବାଚନ ମଣ୍ଡଳୀରୁ ବିଭିନ୍ନ ଦଳ ଓ ସ୍ୱାଧିନକୁ ମିଶାଇ ୧୩ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏଠାରେ ମୁଖ୍ୟତଃ ବିଜେପି ପ୍ରାର୍ଥୀ ପ୍ରଭାତୀ ପରିଡା ଓ ବିଜେଡି ପ୍ରାର୍ଥୀ ଦିଲ୍ଲୀପ କୁମାର ନାୟକଙ୍କ ମଧ୍ୟରେ କଡା ମୁକାବିଲା ହେବା ନେଇ ଚର୍ଚ୍ଚା ହେବାରେ ଲାଗିଛି ଏହି ନିର୍ବାଚନ ମଣ୍ଡଳୀଟି ନିମାପଡା ବ୍ଲକର ୩୨ଟି ପଞ୍ଚାୟତ,ନିମାପଡା ଏନ୍ଏସିର ୧୧ଟି ୱାର୍ଡ ଓ ଗୋପ ବ୍ଲକର ୧୪ଟି ପଞ୍ଚାୟତକୁ ନେଇ ଗଠିତ। ଏହି ନିର୍ବାଚନ ମଣ୍ଡଳୀର ଭୋଟର ସଂଖ୍ୟା ୨ଲକ୍ଷ ୪୭ ହଜାର,୫ଶହ ୫୩। ପୁରୁଷ ଭୋଟର ସଂଖ୍ୟା୧ଲକ୍ଷ ୨୬ହଜାର ୬ଶହ ୯୮, ମହିଳାଭୋଟ ସଂଖ୍ୟା ୧ଲକ୍ଷ ୨୦ହଜାର ୮ଶହ ୪୭ ଓ ଅନ୍ୟାନ୍ୟ ୮ଖଣ୍ଡ ଭୋଟର ସେମାନଙ୍କ ମତଦାନ କରିବେ। ଗତ ୨ହଜାର ମସିହାରୁ ଏଠାରୁ ଲଗାତର ବିଜେଡି ଜିତିଆସିଛି । ୧୫ବର୍ଷ ମଧ୍ୟରେ ନିମାପଡାରେ ରାସ୍ତା ଘାଟ ସମସ୍ୟା,ଧନୁଆ ନଦୀ ଉପରେ ଉଚ୍ଚତମ ବ୍ରୀଜ,ନିମାପଡା ବଜାର ୪ଲେନ ରାସ୍ତାର ପ୍ରସସ୍ତୀକରଣ, ବିଭିନ୍ନ ସ୍କୁଲ ୫ଟି ରୁପାନ୍ତିକରଣ କାର୍ଯ୍ୟକ୍ରମ,ନିମାପଡା ଏନ୍ଏସିକୁ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ, ବିଭିନ୍ନ ମନ୍ଦିରର ରୁପାନ୍ତିକରଣ ,ପ୍ରତ୍ୟେକ ଗ୍ରାମକୁ ସ୍ୱଜଳଧାରାରେ ପାନୀୟଜଳ ଯୋଗାଣ, ପ୍ରତ୍ୟେକ ବଜାରରେ ଓ ଗ୍ରାମାଞ୍ଚଳରେ ଉଜ୍ୱଳ ଆଲୋକର ବ୍ୟବସ୍ଥା,ବିଏସକେୱାଇରେ ଗରୀବ ଲୋକଙ୍କ ଚିକିତ୍ସା,ବାର୍ଦ୍ଧକ୍ୟ ଭତ୍ତା ,ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସବୁ ଯୋଜନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ସମ୍ଭବ ହୋଇପାରିଛି। ଗତ ୨୩ ତାରିଖ ଦିନ ବିଜେଡିର ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ନିମାପଡାକୁ ଏକ ସାଧାରଣ ସଭାରେ ଆସି ମୁଖ୍ୟମନ୍ତ୍ରୀ ନିମାପଡ଼ାକୁ ସ୍ୱତନ୍ତ୍ର ଦୃଷ୍ଟି ଦେବେ ବୋଲି କହିଛନ୍ତି। ସାଂସଦ ପ୍ରାର୍ଥୀ ଡା.ରାଜଶ୍ରୀ ମଲ୍ଲିକ ଓ ବିଧାୟକ ପ୍ରାର୍ଥୀ ଦିଲ୍ଲିପ ନାୟକଙ୍କୁ ଦୁଇଟି ଶଙ୍ଖ ଚିହ୍ନରେ ଭୋଟଦେଇ ବିଜୟୀ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ନିମାପଡାରେ ବାକିଥିବା ସମସ୍ୟାର ସମାଧାନ ଖୁବ ଶିଘ୍ର ହେବ ବୋଲି ଶ୍ରୀ ପାଣ୍ଡିଆନ ଦୃଢୋକ୍ତିର ସହକାରେ କହିଛନ୍ତି । ବିଶେଷକରି ଏଠାରେ ବହୁ ମହିଳା ଭୋଟ ବିଜେଡି ସପକ୍ଷରେ ଯିବ ବୋଲି ଜଣାପଡୁଛି। ବର୍ତ୍ତମାନ ନିମାପଡ଼ାରେ ବିଜେଡିର ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଷ୍ଟାର ପ୍ରଚାରକ ରହି ପ୍ରତ୍ୟେକ ପଞ୍ଚାୟତ ଓ ଏନ୍ଏସିକୁ ଗସ୍ତ କରି ମୁଖ୍ୟମନ୍ତ୍ରୀଙ୍କ ଜନହିତକର କାର୍ଯ୍ୟକ୍ରମକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇ ଚଳିତ ନିର୍ବାଚନରେ ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟଦେଇ ଜିତାଇବାକୁ ଅନୁରୋଧ କରିଛନ୍ତି । ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିମାପଡା ଗସ୍ତ କାର୍ଯ୍ୟକ୍ରମ ରହିଛି।

### ବିଜେଡିର ମିଶ୍ରଣ ପର୍ବ

## ସାମିଲ ହେଲେ ୫୦ରୁ ଊର୍ଦ୍ଧ୍ୱ କର୍ମୀ



**ଗୋପ,୨୮।୫(ସମିସ):** ସୋମବାର ସନ୍ଧ୍ୟାରେ ଗୋପ ବ୍ଲକ୍ ଅଧିନ ଗୋପ ପଞ୍ଚାୟତରେ ବିଜେଡ଼ିର ମିଶ୍ରଣ ଅନୁଷ୍ଠିତ ହୋଇଛି। ରାଜ୍ୟସଭା ସଭ୍ୟ ସୁଭାଶିଷ ଖୁଣ୍ଟିଆ, ବିଜୁ ଜନତା ଦଳ ସାଧାରଣ ସଂପାଦକ ସୁବ୍ରତ ଛାଟୋଇ, ରାଜ୍ୟ ବିଜୁ ଜନତା ମହିଳା ସଂପାଦକ କସ୍ତୁରୀବାଳା ସ୍ୱାଇଁ, ପୁନେଶ ପଲେଇ, ରଂଜନ ପଲେଇ, ସୁଶାନ୍ତ ପଲେଇ, କପିଳ ପଲେଇ, ଟୁଲୁ ବେହେରା, ମଣ୍ଟୁ ବାରିକଙ୍କ ସମେତ ୫୦ରୁ ଉଦ୍ଧର୍ କର୍ମୀ ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଛନ୍ତି। ବିଧାୟକ ଶ୍ରୀ ପ୍ରାର୍ଥୀ ଶ୍ରୀ ନାୟକ ଦଳରେ ସାମିଲ ହୋଇଥିବା କର୍ମୀଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଆଗାମୀ ଦିନରେ ବିଜୁ ଜନତା ଦଳରେ କାର୍ଯ୍ୟ କରିବା ଲାଗି ପରାମର୍ଶ ଦେଇଥିଲେ।

## ଜଙ୍ଗଲବୋରିରେ ବିଜେଡି କର୍ମୀକଲେ ଭୋଟ ଭିକ୍ଷା



**ନୟାହାଟ,୨୮।୫(ସମିସ):** ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବୋରି ପଞ୍ଚାୟତରେ ବିଜେଡି ପ୍ରାର୍ଥୀଙ୍କ ଲାଗି କର୍ମୀ ଓ ନେତାମାନେ ଗାଁ କୁ ଗାଁ ବୁଲି ଭୋଟ ଭିକ୍ଷା କରିଛନ୍ତି। ସଭାପତି କାହ୍ନୁଚରଣ ସାହୁ ,କାର୍ଯ୍ୟକାରୀ ସଭାପତି କୈଳାସ ସାହୁ, ୱାର୍ଡ ସଭ୍ୟ ମୁନା କାଣ୍ଡି ,କାର୍ତ୍ତିକ ବେହେରା, ପରମା ପାତ୍ର, ଜୁଲୁ ସାହୁ , ଲୋଚନ ପାତ୍ର , ରିଣ୍ଟୁ ମହାପାତ୍ର , କାନନ ଓଝାଙ୍କ ପ୍ରମୁଖ ନେତୃତ୍ୱରେରେ ମଧୁବନ କୁମାର ଓ ଜଳଧାରୀ ନୂଆପାଟଣା ଗ୍ରାମମାନଙ୍କରେ ବୁଲି ଭୋଟରମାନଙ୍କୁ ଶଙ୍ଖ ଚିହ୍ନର ଭୋଟ ଦେବା ପାଇଁ ନିବେଦନ କରିଛନ୍ତି।

### ● ଗୋଟିଏ ରାତିରେ ସିରିଜ୍ ଚୋରି

## ଝିଅ ବାହାଘର ପାଇଁ ରଖିଥିବା ଟଙ୍କା ଓ ଗହଣା ଲୁଟିନେଲେ

**ଡେଲାଙ୍ଗ,୨୮।୫(ସମିସ):** ଡେଲାଙ୍ଗ ଥାନା ଅଧିନ ଗୁଡୁପାଇଲୋ ଗ୍ରାମରୁ ଗତ ରାତିରେ ୩ଜଣଙ୍କ ଘରେ ପସି ଦୁର୍ବୃତ୍ତ କଳାକନା ବୁଲାଇ ସବୁ ଲୁଟିନେଇଥିବା ଥାନାରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ କୃଷ୍ଣଚନ୍ଦ୍ର ମଲ୍ଲିକ୍, ପଞ୍ଚାନନ ମଲ୍ଲିକ୍ ଓ ବିଜୟ କୁମାର ବେହେରାଙ୍କ ଘରୁ ଗତରାତିରେ ଦୁର୍ବୃତ୍ତ କଳାକନା ବୁଲାଇ ସବୁ ଲୁଟି ନେଇଛନ୍ତି। ପରିବାର ଲୋକେ ଘରେ ଶୋଇଥିବା ବେଳେ ଚୋରମାନେ ଦୁଆର ଭାଙ୍ଗିବା ସହିତ ଘରେ ପଶି ସବୁକିଛି ଲୁଟି ନେଇଥିବା ସକାଳୁ ଜାଣିବାକୁ ପାଇଥିଲେ। କୃଷ୍ଣଚନ୍ଦ୍ର ନିଜ ଝିଅ ବାହାଘର ନିମନ୍ତେ ନୂଆ ଟ୍ରଙ୍କ କିଣି ସେଥିରେ ୮୦ହଜାର ଟଙ୍କା , ଲୁଗାପଟା, ସୁନା ଅଳଙ୍କାର ଓ ଅନ୍ୟାନ୍ୟ ଆସବାବ ପତ୍ର ରଖିଥିଲେ। ଯାହାକୁ ଚୋରମାନେ ଲୁଟି ନେଇଛନ୍ତି। ସେହିପରି ବିଜୟଙ୍କ ଘରୁ ଦୁର୍ବୃତ୍ତମାନେ ଟ୍ରଙ୍କରେ ଥିବା ୩୦ହଜାର ଟଙ୍କା ଓ ଆସବାବ ପତ୍ର ସବୁ ଟେକି ନେଇ ପଳାଇଥିଲେ। ସକାଳୁ ବାଡିପଟେ ଭାଙ୍ଗା ଟ୍ରଙ୍କ ପଡିଥିବାର ଉଭୟ ଦେଖିବାକୁ ପାଇଥିଲେ। ସେହିପରି ଗ୍ରାମର ଆଉ ଜଣଙ୍କ ଘରେ ମଧ୍ୟ ପଶିଥିବା ବେଳେ କୌଣସି ଜିନିଷ ନେଇ ପାରିନଥିବା ସୂଚନା ମିଳିଛି। ଏନେଇ ଡେଲାଙ୍ଗ ଥାନାରେ ଅଭିଯୋଗ ହୋଇଥିବା ବେଳେ ପୁଲିସ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି।

## ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ପାସହାର ୯୭.୬୬ ପ୍ରତିଶତ

**ଚାରିଛକ,୨୮।୫(ସମିସ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ ପରୀକ୍ଷା ଫଳ ପ୍ରକାଶ ପାଇଛି। ନିମାପଡା ବ୍ଲକ ଅନ୍ତର୍ଗତ ଚାରିଛକ ସ୍ଥିତ ନିଗମାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପାସହାର ୯୭.୬୬ ପ୍ରତିଶତ ରହିଛି। ବିଜ୍ଞାନ ବିଭାଗରେ ସମୁଦାୟ ୧୭୩ ଜଣ ଛାତ୍ରୀ ପରୀକ୍ଷା ଦେଇଥିଲା ବେଳେ ସେଥିରୁ ୧୭୧ ଜଣ ଉତୀର୍ଣ୍ଣ ହୋଇଛନ୍ତି । ୮୬ ଜଣ ପ୍ରଥମ ଶ୍ରେଣୀରେ, ୬୭ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୧୮ ଜଣ ତୃତୀୟ ଶ୍ରେଣୀରେ ଉତୀର୍ଣ୍ଣ ହୋଇଛନ୍ତି। ସେହିପରି କଳା ବିଭାଗରେ ସମୁଦାୟ ୨୪୯ ଜଣ ଛାତ୍ରୀ ପରୀକ୍ଷା ଦେଇଥିଲା ବେଳେ ସେଥିରୁ ୨୧ ଜଣ ପ୍ରଥମ ଶ୍ରେଣୀରେ, ୨୮ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୧୯୪ ଜଣ ତୃତୀୟ ଶ୍ରେଣୀରେ ଉତୀର୍ଣ୍ଣ ହୋଇଛନ୍ତି। ବାଣିଜ୍ୟ ବିଭାଗରେ ସମୁଦାୟ ୨୨ ଛାତ୍ରୀ ପରୀକ୍ଷା ଦେଇଥିଲା ବେଳେ ସେଥିରୁ ୬ ଜଣ ପ୍ରଥମ ଶ୍ରେଣୀରେ, ୧୧ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୫ ଜଣ ତୃତୀୟ ଶ୍ରେଣୀରେ ଉତୀର୍ଣ୍ଣ ହୋଇଛନ୍ତି। ଧନ୍ଦାମୂଳକ ଶିକ୍ଷାରେ ସମୁଦାୟ ୧୫ ଜଣ ଛାତ୍ରୀଙ୍କ ମଧ୍ୟରୁ ୧୩ ଜଣ ଉତୀର୍ଣ୍ଣ ହୋଇଛନ୍ତି ।ଏହି ସଫଳତା ନିମନ୍ତେ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଫେସର ଡକ୍ଟର ସନ୍ତୋଷ ମିତ୍ର ଓ ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ବିନୋଦିନୀ ଦାଶ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ସାହିକୁ ରାସ୍ତା ନାହିଁ, ବାଉଁଶଧଡ଼ା ଭରଷା



**ସାକ୍ଷୀଗୋପାଳ,୨୮।୫ (ସମିସ):** ସତ୍ୟବାଦୀ ବ୍ଲକରେ ଏମିତି କିଛି ଗ୍ରାମ ବା ସାହି ରହିଛି ଯେଉଁଠି ଗମନାଗମନ ପାଇଁ ବାଉଁଶଧଡା ଲୋକଙ୍କ ଭରଷା ପାଲଟିଛି। ସ୍ୱାଧୀନତାର ୭୭ ବର୍ଷ ପରେ ବି ସତ୍ୟବାଦୀ ବ୍ଲକରେ ଗ୍ରାମ ବା ସାହି ରହିଛି । କେନାଲ ବନ୍ଧର ଗୋଟିଏ ପାଶ୍ୱର୍ ପିଚୁ ରହିଥିବା ବେଳେ ଅନ୍ୟ ପଟ ଲତାଜଙ୍ଗଲରେ ପରିପୂର୍ଣ୍ଣ ହୋଇ ରହିଛି। ସୂଚନାଯୋଗ୍ୟ ସତ୍ୟବାଦୀ ବ୍ଲକର ବୀରରାମଚନ୍ଦ୍ରପୁର ଶାସନ ଗ୍ରାମ ଦେଇ ବୁଧଙ୍ଗ କେନାଲ ଯାଇଛି। ଏହି କେନାଲ କଡରେ ଏକ ଦଳିତବସ୍ତି ରହିଛି। ସେଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ପାନୀୟ ଜଳର ସୁବିଧା କରାଯାଇଥିବା ବେଳେ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଇଛି। ମାତ୍ର କେନାଲ ବନ୍ଧ ଥିବା ହେତୁ ଉକ୍ତ କେନାଲ ବନ୍ଧରେ ରାସ୍ତା କରାଯାଇ ପାରୁନାହିଁ । ସେମାନେ ବାଧ ହୋଇ କେନାଲ ଉପରେ ବାଉଁଶଧଡା କରି ଯିବାଆସିବା କରୁଛନ୍ତି। ବୀରରାମଚନ୍ଦ୍ରପୁର ପ୍ରଥମଖଣ୍ଡି ମୁଣ୍ଡରେ ଏହି କେନାଲ ଯାଇଥିବାରୁ ସେଠାରେ ଏକ ବିଜ୍ର କରାଯାଇଛି। ଏହି ବିଜ୍ର ଠାରୁ ମାତ୍ର ୫ଶହ ମିଟର ଦୂରରେ ରହିଛି ବସ୍ତି । ମାତ୍ର ବସ୍ତି ପାଇଁ ସତ୍ୟବାଦୀ ଜଳସେଚନ ବିଭାଗ ପକ୍ଷରୁ କୌଣସି ସୁବନ୍ଦୋବସ୍ତ କରାଯାଉନାହିଁ ବୋଲି ଅମର ବେହେରା, ବଳି ଭୋଇ, ସାଗର ଭୋଇ, ମାମୁନି ଭୋଇ ପ୍ରମୁଖ ଅଭିଯୋଗ ଆଣିଛନ୍ତି। ଏସମ୍ପର୍କରେ ବିଭାଗୀୟ ଜେଇଙ୍କୁ ପଚାରିବାରୁ ଆମ ହାତରେ କିଛି ନାହିଁ ଉକ୍ତ କେନାଲ ବନ୍ଧ ପାଇଁ ବା ଉକ୍ତ ବସ୍ତି ପାଇଁ କୌଣସି ଅର୍ଥ ନ ଥିବା କହିଛନ୍ତି।

### ■ ଥାନା ପରିସରରେ ସାପ କାମୁଡାରେ ଶିଶୁ ମୃତ୍ୟୁ ଘଟଣା

## ଶିଶୁର ମାଆକୁ ୨୦ହଜାର ଟଙ୍କାର ସହାୟତା ରାଶି ପ୍ରଦାନ



**ଅସ୍ତରଙ୍ଗ,୨୮।୫(ସମିସ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନଗରପଞ୍ଚାୟତ ବାଲିଡିଆ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି ।ଉକ୍ତ ଗ୍ରାମର ଆଶା ବେହେରା ପାରିବାରିକ କଳହ ପାଇଁ ଅସ୍ତରଙ୍ଗ ଥାନାରେ ଶ୍ୱଶୁର, ଶାଶୁଙ୍କ ନାମରେ ଏତଲା କରିଥିଲେ। ଏତଲା କରିବାର ୨ ଦିନ ପରେ ଆଶା ନିଜ ୨ ଶିଶୁ ପୁଅ ଓ ଝିଅ ଏବଂ ତାଙ୍କ ବାପ ଘର ସମ୍ପର୍କୀୟଙ୍କୁ ଧରି ଅସ୍ତରଙ୍ଗ ଥାନାକୁ ଯାଇ ଥାନା ବାରଣ୍ଡାରେ ବସିଥିଲେ। ସେହି ସମୟରେ ତାଙ୍କର ୨ ବର୍ଷର ଶିଶୁ ପୁତ୍ର ଥାନା ପରିସରରେ ଥିବା ଚାନ୍ଦିନୀରେ ଖେଳୁଥିବା ସମୟରେ ଏକ ଗାତରେ ହାତ ପୁରାଇଥିଲା ପରେ ଜଣାପଡିଥିଲା କୌଣସି ବିଷାକ୍ତ ଜନ୍ତୁ ତାର ହାତକୁ କାମୁଡି ଦେଇଛି। ଘଟଣା ଘଟିବା ପରେ ଥାନା ଅଧିକାରୀ ତୁରନ୍ତ ପିଲା ଓ ତାର ମାଆକୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ପ୍ରାଥମିକ ଚିକିତ୍ସା କରାଇଥିଲେ କିନ୍ତୁ ପିଲାର ଅବସ୍ଥା ସଂକଟାପର୍ଣ୍ଣ ହେବାରୁ ତାକୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଥିଲେ କିନ୍ତୁ ସେଠି ଡାକ୍ତର ଶିଶୁପୁତ୍ରକୁ ମୃତଘୋଷଣା କରି ଶବ ବ୍ୟବଚ୍ଛେଦ କରାଇଥିଲେ। ପରେ ପିଲା ଖେଳୁଥିବା ଉକ୍ତ ସ୍ଥାନରୁ ନାଗ ସାପକୁ ଉଦ୍ଧାର କରାଯାଇଥିଲା। ଶବ ବ୍ୟବଚ୍ଛେଦ ପରେ ମଙ୍ଗଳବାର ଅପରାହ୍ନରେ ଶିଶୁ ପୁତ୍ର ର ଶବଧରି ତାର ମା ଏବଂ ପରିଜନ ଅସ୍ତରଙ୍ଗ ଥାନାରେ ପହଞ୍ଚିଥିଲେ। ଥାନାରେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି ପହଞ୍ଚି ଥାନା ଅଧିକାରୀ ରାଜେଶ ବାଲିଆରସିଂଙ୍କ ଉପସ୍ଥିତରେ ରେଡକ୍ରସ ପାଣ୍ଠିରୁ ମୃତ ଶିଶୁର ମାଆଙ୍କୁ ୨୦ହଜାର ଟଙ୍କାର ଜରୁରୀ କାଳୀନ ସହାୟତା ରାଶୀ ପ୍ରଦାନ କରିଛନ୍ତି। ଆଉ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତଦନ୍ତ କରି ୪ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ପରିବାର ଲୋକ ଗ୍ରାମବାସୀ ଏଭଳି ଘଟଣା ଆଶାଙ୍କ ଶଶୁର ଘର ଲୋକଙ୍କ ପାଇଁ ଘଟିଛି, ଆଉ ତୁରନ୍ତ ଉକ୍ତ ଲୋକଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି। ଅସ୍ତରଙ୍ଗ ଥାନା ଅଧିକାରୀ ତଦନ୍ତ କରି ଆଶାଙ୍କୁ ଉପଯୁକ୍ତ ନ୍ୟାୟ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

## ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ପାଳିତ





**କୃଷ୍ଣପ୍ରସାଦ,୨୮।୫(ସମିସ):** ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅଧିନସ୍ଥ ସିଆଣ୍ଡି ପଞ୍ଚାୟତ ଗୋପାଳପୁରରେ ଥିବା ବିଜୁ ପଟ୍ଟନାୟକ ଶିଳ୍ପ ତାଲିମ କେନ୍ଦ୍ର ପରିସର ମଧ୍ୟରେ ପ୍ରିନ୍ସପାଲ ଚନ୍ଦ୍ର ଶେଖର ସୁନ୍ଦରାୟଙ୍କ ତତ୍ତ୍ୱାବଧାନରେ ବିଶ୍ୱ ରୁତୁସ୍ରାବ ସ୍ୱଚ୍ଛତା ଦିବସ ଉପଲକ୍ଷେ ସମସ୍ତ ଛାତ୍ରଛାତ୍ରୀଙ୍କୁ ନେଇ ସିଏଚ ଓ ପୱଲିନ କରଙ୍କ ଦ୍ୱାରା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଚାରି ଜଣ ଆଶାକର୍ମୀ ଦ୍ରୌପଦୀ ଜେନା, ରୀନା କୁମାରୀ ସ୍ୱାଇଁ , ରଞ୍ଜିତା ତ୍ରିପାଠି ଓ ରୀନୁ ପ୍ରଧାନ ନିୟୋଜିତ ରହି ସହଯୋଗ କରିଥିଲେ। ସିଏଚ ଓ ପୱଲିନ କର ଶିଳ୍ପ ତାଲିମ କେନ୍ଦ୍ରର ସମସ୍ତ ଛାତ୍ରୀଙ୍କୁ ନେଇ ନାରୀମାନଙ୍କ ରୁତୁସ୍ରାବ ବିଷୟରେ ବୁଝାଇବା ସହିତ ରୁତୁସ୍ରାବ ଦ୍ୱାରା କ'ଣ କ'ଣ ଉପକାର ହୋଇଥାଏ ଆଲୋଚନା କରିଥିଲେ। ପରେ ସମସ୍ତ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ବିତରଣ କରିଥିଲେ।ଏଥିରେ ଟି ଓ ପ୍ରଭାସୀନ ବେହେରା ଉପାଦିକ୍ଷା ରଶ୍ମିତା ଜେନା, ଆଦ୍ୟାସା ମାଝୀ ଉପାଦକ୍ଷ ଗୌତମ ଦାସ, ପ୍ରହଲ୍ଲାଦ ମୁଦୁଲି, ସୁନିଲ କୁମାର ନାୟକ, ଚନ୍ଦ୍ର ମୋହନ ସାମଲ ଓ ୱାଚ ମ୍ୟାନ ବସନ୍ତ କୁମାର ସାହୁଙ୍କ ସମେତ ତାଲିମକେନ୍ଦ୍ରର ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

### +୨ ମହାବିଦ୍ୟାଳୟରେ ପାସହାର ନୈରାଶ୍ୟଜନକ

## କର୍ତ୍ତୃପକ୍ଷଙ୍କୁ ଦାୟୀ କରି ଛାତ୍ରଛାତ୍ରୀଙ୍କ ଧାରଣା



**କଣାସ,୨୮।୫(ସମିସ):** କଣାସ ବ୍ଲକର ଦୟାବିହାରରେ ଥିବା +୨ ମହାବିଦ୍ୟାଳୟରେ ଅଧିକ ସଂଖ୍ୟକ ଛାତ୍ରଛତ୍ରୀ ଫେଲ୍ ହେବା ଯୋଗୁଁ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଦାୟୀ କରି ମହାବିଦ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବା ସହ ଦୀର୍ଘ ସମୟ ଧରି ବସି ରହିଥିଲେ। ଖବର ନେବାରେ ଜଣାପଡିଛି କଳାରେ ୨୫୧ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୨୭ଜଣ ପ୍ରଥମ ଶ୍ରେଣୀ ୪୦ଜଣ ଦ୍ୱିତୀୟ ଶ୍ରେଣୀ, ୯୪ଜଣ ତୃତୀୟ ଶ୍ରେଣୀ ଓ ଜଣେ ମାତ୍ର କମ୍ପାଟମେଣ୍ଟରେ ପାସ୍ କରିଥିବା ବେଳେ ୭୯ଜଣ ଛାତ୍ରଛାତ୍ରୀ ଫେଲ୍ ହୋଇଛନ୍ତି । ସେହିପରି ବିଜ୍ଞାନରେ ୭୬ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୮ଜଣ ପ୍ରଥମ ଶ୍ରେଣୀ ୧୦ଜଣ, ଦ୍ୱିତୀୟ ଶ୍ରେଣୀ, ୫ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଥିବା ବେଳେ ୫୩ଜଣ ଛାତ୍ରଛାତ୍ରୀ ଫେଲ୍ ହୋଇଛନ୍ତି । ସେହିପରି ବାଣିଜରେ ୩୦ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୨ଜଣ ପ୍ରଥମ ଶ୍ରେଣୀ ୨ଜଣ ଦ୍ୱିତୀୟ ଶ୍ରେଣୀ, ୭ଜଣ ତୃତୀୟ ଶ୍ରେଣୀ ପାସ୍ କରିଥିବା ବେଳେ ୧୯ଜଣ ଫେଲ୍ ହୋଇଥିବା ଜଣାପଡିଛି । ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ୨୦ଭାଗ ଇଣ୍ଟରନାଲ୍ ମାର୍କ କାଉସିଲ୍‌କୁ ପଠାଯାଇନଥିବା ଦାବିକରି ବିଫଳ ହୋଇଥିବା ଛାତ୍ରଛାତ୍ରୀମାନେ ମହାବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଥିଲେ। ଖବର ପାଇ କଣାସ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ଧାରଣାରେ ବସିଥିବା ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରିବା ସହିତ ମହାବିଦ୍ୟାଳୟର ଅଧକ୍ଷଙ୍କ ସହିତ ଆଲୋଚନା କରି ଛାତ୍ରଛାତ୍ରୀଙ୍କୁ ବୁଝାଇସୁଝାଇ ଧାରଣାରୁ ଉଠାଇଥିଲେ। ଏସଂପର୍କରେ ଦୟାବିହାର +୨ ମହବାଦ୍ୟାଳୟର ଅଧକ୍ଷ ସୁବାସ ଚନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ ସେ କୁହନ୍ତି ଆମେ ୨୦ଭାଗ ଇଣ୍ଟରନାଲ୍ ମାର୍କ କାଉସିଲ୍‌କୁ ଅନ୍‌ଲାଇନିରେ ପଠାଇଦେଇଛୁ । କାଉସିଲ୍‌ରେ ସେହି ୨୦ନମ୍ବର ମାର୍କ ଛାତ୍ରଛାତ୍ରୀଙ୍କ ଖାତାରେ ଯୋଡା ଯାଇଛିକି ନାହିଁ ସେଥିପାଇଁ ମୁଁ ଆଜି ଜଣେ କିରାଣୀଙ୍କୁ କାଉସିଲ୍‌କୁ ପଠାଇଛି ।

### ପ୍ରକାଶ ପାଇଲା ୟୁଜି ଓ ପିଜି ପରୀକ୍ଷା ଫଳ, କମିଲା ପାସହାର

# ସୁନାମ ହରାଇଲା ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ

ନୟାଗଡ଼, ୨୮।୫(ସମିସ): ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ୟୁଜି ଓ ପିଜି ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ନୟାଗଡ଼ ସ୍ୱୟଂ ଶାସିତ ମହବିଦ୍ୟାଳୟ ଅଧକ୍ଷ ଅଶ୍ୱୀନ କୁମାର ନାୟକଙ୍କ ପ୍ରେସ ବାର୍ତ୍ତା ସୂଚନାନୁସାରେ, ଗତବର୍ଷ ତୁଳନାରେ ଚଳିତ ବର୍ଷ ଆଶାତୀତ ଭାବେ ପାସହାର ହ୍ରାସ ଘଟିଛି। ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ନିଜର ସୁନାମ ହରାଇଛି। ଗତବର୍ଷ ୟୁଜିରେ ୯୪.୬୯ ପ୍ରତିଶତ ଓ ପିଜିରେ ୯୭.୨୯ ପ୍ରତିଶତ ରେଜଲ୍ଟ ହୋଇଥିଲା। କଳାରେ ୯୪.୨୩ ପ୍ରତିଶତ, ବାଣିଜ୍ୟରେ ୯୧.୯୪ ପ୍ରତିଶତ, ବିଜ୍ଞାନରେ ୯୬.୨୧ ପ୍ରତିଶତ ରେଜଲ୍ଟ ହୋଇଥିଲା। ଚଳିତ ବର୍ଷ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ କଳାରେ ୯୧ ପ୍ରତିଶତ, ବାଣିଜ୍ୟରେ ୭୨ ପ୍ରତିଶତ, ବିଜ୍ଞାନରେ ୮୩ ପ୍ରତିଶତ ରେଜଲ୍ଟ ହୋଇଥିବା ସୂଚନା ମିଳିଛି। ଏଭଳି ପାସହାର ହ୍ରାସ ଉଚ୍ଚଶିକ୍ଷା କ୍ଷେତ୍ରରେ ନୟାଗଡ଼ କଲେଜର ଗାରିମାକୁ କ୍ଷୁର୍ଣ୍ଣ କରିଛି। ପରିଚାଳନା ଗତ ତ୍ରୁଟି ଏବଂ ଶିକ୍ଷା ବ୍ୟବସ୍ଥାରେ ଅବ୍ୟବସ୍ଥାକୁ ପ୍ରତିପାଦିତ କରୁଛି। ଚଳିତ ବର୍ଷ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ବିଜ୍ଞାନରେ ୨୮୯ ଜଣ ପରୀକ୍ଷା ଦେଇଥିବା ବେଳେ ୨୪୦ ଜଣ ପାସ କରିଛନ୍ତି। ବିଜ୍ଞାନରେ ୮୩ ପ୍ରତିଶତ ପାସହାର ରହିଛି। ଫାଷ୍ଟକ୍ଲାସ ଓ ଡିଷ୍ଟିଙ୍କସନ୍ରେ ୧୦୨ ଜଣ ପାସ କରିଛନ୍ତି। ସେହିଭଳି କଳାରେ ୨୨୩ ଜଣ ପରୀକ୍ଷା ଦେଇଥିବା ବେଳେ ୨୦୩ ଜଣ ପାସ କରିଛନ୍ତି। କଳାରେ ୯୧ ପ୍ରତିଶତ ପାସହାର ରହିଛି। ଫାଷ୍ଟକ୍ଲାସ ଓ ଡିଷ୍ଟିଙ୍କସନ୍ରେ ୧୦୨ ଜଣ ପାସ କରିଛନ୍ତି। ବାଣିଜ୍ୟରେ ୧୧୭ ଜଣ ପରୀକ୍ଷା ଦେଇଥିବା ବେଳେ ୮୪ ଜଣ ପାସ କରିଛନ୍ତି। ପାସହାର ୭୨ ପ୍ରତିଶତ ରହିଛି। ଫାଷ୍ଟକ୍ଲାସ ଓ ଡିଷ୍ଟିନସନ୨୯ ଜଣ ପାସ କରିଛନ୍ତି। ମହାବିଦ୍ୟାଳୟ ଅଧକ୍ଷଙ୍କ କାର୍ଯ୍ୟାଳୟରେ ପରୀକ୍ଷା ଫଳାଫଳ ଅଧକ୍ଷ ଶ୍ରୀ ନାୟକ ଘୋଷଣା କରିଛନ୍ତି।




#### ବାଜି ମାରିଲେ ଛାତ୍ରୀ, ରିଚିସ୍ମିତା ଶ୍ରେଷ୍ଠ ସ୍ନାତକ

### କଳାରେ ଇତିଶ୍ରୀ, ବାଣିଜ୍ୟରେ ମୋନାଲିସା ଟପ୍ପର

ନୟାଗଡ଼, ୨୮।୫(ସମିସ): ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ୟୁଜି ଓ ପିଜି ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ଚଳିତ ବର୍ଷ ୟୁଜି ତଥା +୩ ପରୀକ୍ଷାରେ ଛାତ୍ରୀ ବାଜି ମାରିଥିବା ଦେଖାଯାଇଛି। ବିଜ୍ଞାନ ଛାତ୍ରୀ ରିଚିସ୍ମିତା ସାହୁ ପ୍ରାଣୀ ବିଜ୍ଞାନ ବିଭାଗରେ ମୋଟ ୨୫୦୯ ନମ୍ବର ତଥା ୯.୬୯ ସିଜିପିଏ ରଖି ଶ୍ରେଷ୍ଠ ସ୍ନାତକ ହୋଇଛନ୍ତି। କଳାରେ ସଂସ୍କୃତ ବିଭାଗ ଛାତ୍ରୀ ଇତିଶ୍ରୀ ମିଶ୍ର ୨୨୯୮ ନମ୍ବର ରଖି ଟପ୍ପର ହୋଇଛନ୍ତି। ତାଙ୍କର ସିଜିପିଏ ୮.୯୫ ରହିଛି। ବାଣିଜ୍ୟରେ ମୋନାଲିସା ଦାଶ ସର୍ବୋଚ୍ଚ ୨୨୧୧ ନମ୍ବର ରଖି ଟପ୍ପର ହୋଇଛନ୍ତି। ତାଙ୍କର ସିଜିପିଏ ୮.୬ ରହିଛି। ସେହିଭଳି ଭାବେ ଉଦ୍ଭିଦ ବିଜ୍ଞାନରେ ବାନାମ୍ବର ସାହୁ, ରସାୟନ ବିଜ୍ଞାନରେ ରଶ୍ମିତା ନାୟକ, କମ୍ପ୍ୟୁଟର ସାଇନ୍ସରେ ଚିନ୍ମୟ ରଞ୍ଜନ ସାହୁ, ଅର୍ଥନୀତିରେ ସ୍ୱାତିଶା ପ୍ରିୟଦର୍ଶିନୀ, ଶିକ୍ଷାରେ ସୀମା ସାହୁ, ଇଲୋକ୍ଟ୍ରୋନିକ୍ସରେ ସ୍ୱୟଂପ୍ରଭା ସାହୁ, ଇଂରାଜୀରେ ପ୍ରାଚୀ ପ୍ରତ୍ୟୁଷା, ଇତିହାସରେ ପ୍ରଜ୍ଞାସିନୀ ନାୟକ, ଆଟିଏମରେ ବିଶ୍ୱନନ୍ଦନ ପରିଡ଼ା, ଗଣିତରେ ସୁପ୍ରିୟା ମହାରଣା, ଓଡ଼ିଆରେ ବିଭୂତି ରଞ୍ଜନ ସେଠୀ, ଦର୍ଶନରେ ରଶ୍ମିତା ସାହୁ, ଶୁଭସ୍ମିତା ସାହୁ, ରାଜନୀତି ବିଜ୍ଞାନରେ ବିଶ୍ୱଜିତ ସାହୁ, ମନସ୍ତତ୍ୱ ବିଜ୍ଞାନରେ ସ୍ନେହାରାଣୀ ସାହୁ, ସମାଜବିଜ୍ଞାନରେ ଶୁଶ୍ରୀ ସୌଭାଗିନୀ ଦେଇ ଟପ୍ପର ହୋଇଥିବା ସୂଚନା ମିଳିଛି।

#### ● 'ସକାଳ' ପକ୍ଷରୁ ସମ୍ବର୍ଦ୍ଧିତ ହେବେ ବ୍ଲକ ଟପ୍ପର

## ରଘୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଶ୍ରେଷ୍ଠ ମାନ୍ୟତା



ନୟାଗଡ଼, ୨୮।୫(ସମିସ): ନୟାଗଡ଼ ଜିଲ୍ଲାରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ଦଶପଲ୍ଲା ବ୍ଲକ ଡିହଗାଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ସ୍ମୃତିଲିପ୍ସା ଦାଶ ଜିଲ୍ଲା ଟପ୍ପର ହୋଇଛନ୍ତି। ସେ ୫୬୩ ମାର୍କ ରଖିଛନ୍ତି। ସେହିଭଳି ଭାବେ ଭାପୁର ବ୍ଲକ ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠ ଛାତ୍ରୀ ପାୟଲ ଶ୍ରୀଚନ୍ଦନ ରାୟ ୫୫୮ ମାର୍କ ରଖି ବ୍ଲକ ଟପ୍ପର ହୋଇଛନ୍ତି। ଗଣିଆ ବ୍ଲକ ରାସଙ୍ଗ ରାମଚନ୍ଦ୍ର ପ୍ରାଣବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ବିଜୟଲକ୍ଷ୍ମୀ ସାହୁ ୫୪୫ ମାର୍କ ରଖି ବ୍ଲକ ଟପ୍ପର ହୋଇଛନ୍ତି। ନୂଆଗାଁ ବ୍ଲକ ଗାତେରୀ ଉଚ୍ଚ ବିଦ୍ୟାଳୟ ଛାତ୍ର ନିତ୍ୟାନନ୍ଦ ସାହୁ ୫୫୨ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। ନୟାଗଡ଼ ବ୍ଲକରେ ଶ୍ରୀ ଅରବିନ୍ଦ ବିଦ୍ୟାଳୟ ଛାତ୍ରୀ ସୌମ୍ୟା ସୁରଭି ମିଶ୍ର ୫୬୧ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। ରଣପୁର ବ୍ଲକର ନରେନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟ ଛାତ୍ର ସତ୍ୟବ୍ରତ ପୃଷ୍ଟି ୫୫୦ ମାର୍କ ରଖି ବ୍ଲକ ଟପ୍ପର ହୋଇଛନ୍ତି। ଓଡଗାଁର ରଘୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ର ସତ୍ୟଧର୍ମା ସାହୁ ୫୫୩ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। ସେହିପରି ଖଣ୍ଡପଡ଼ା ବ୍ଲକ ସିଧାମୂଳ ଉଚ୍ଚବିଦ୍ୟାଳୟର ଛାତ୍ର ଆଶୀର୍ବାଦ ରାଉତ ୫୪୮ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। ନୟାଗଡ଼ ଜିଲ୍ଲାରେ ଓଡଗାଁ ରଘୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ସର୍ବାଧିକ ୩ ଜଣ ଏ-୧ ସହ ୯୯.୧୫ ପ୍ରତିଶତ ପାସହାର ରଖିଥିବାରୁ ଏହାକୁ ଚଳିତ ବର୍ଷ ଜିଲ୍ଲାର ଶ୍ରେଷ୍ଠ ବିଦ୍ୟାଳୟ ଭାବେ ମାନ୍ୟତା ପ୍ରଦାନ କରାଯିବାକୁ ସ୍ଥିର ହୋଇଛି। 'ସକାଳ' ପକ୍ଷରୁ ବୁଧବାର ଭୁବନେଶ୍ୱର ଜୟଦେବ ଭବନଠାରେ ସମସ୍ତ ବ୍ଲକ ଟପ୍ପର ଏବଂ ଶ୍ରେଷ୍ଠ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯିବ।

## ଗଞ୍ଜେଇ ଜବତ, ଜଣେ ଗିରଫ



ନୟାଗଡ଼, ୨୮।୫(ସମିସ):ନୟାଗଡ଼ ଅବକାରୀ ବିଭାଗ ଜଣେ ଗଞ୍ଜେଇ ବେପାରୀକୁ ଗିରଫ କରିବାରେ ସଫଳ ହୋଇଛି। ତାଙ୍କ ଠାରୁ ୩ କେଜି ଗଞ୍ଜେଇ ଜବତ କରିବା ସହ ଏକ ନାଲି ଓ କଳା କଲରର ପଲ୍ସର ଗାଡି ଜବତ କରିଛି। ସୁଚନା ଥାଉକି ଆଜି ଅବକାରୀ ବିଭାଗ ପକ୍ଷରୁ ଜାତୀୟ ରାଜପଥ ୫୭ ମାଆଙ୍କପଲ୍ଲୀ ପ୍ରାଥମିକ ବିଦ୍ୟାଳୟ ଠାରେ ଚଢ଼ଉ କରାଯାଇଥିଲା।

ଏହି ସମୟରେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅନ୍ତର୍ଗତ ଦାମପଦର ଗ୍ରାମର କୁରୁଙ୍ଗା ଡିଗାଲଙ୍କ ପୁଅ ତାଳ ଡିଗାଲଙ୍କୁ ଗିରଫ କରିଥିଲା। ତାଙ୍କ ଠାରୁ ୩ କେଜି ଗଞ୍ଜେଇ ସହ କଳା ଓ ନାଲି ରଙ୍ଗର ୨୨୦ ସିସି ବାଜାଜ ପଲ୍ସର୍ ଗାଡି ନଂ ଓଡି୧୨ଏ-୨୦୯୫ ଗାଡିକୁ ଜବତ କରିଛି। ଗାଡ଼ି ଓ ଗଞ୍ଜେଇର ମୂଲ୍ୟ ୧ ଲକ୍ଷ ଟଙ୍କା ହେବ। ନୟାଗଡ଼ ଅବକାରୀ ବିଭାଗ ପକ୍ଷରୁ ୩୯/୪-୨୫ ରେ ମାମଲା ରୁଜୁ କରାଯାଇ କୋର୍ଟ ଫରୁୱାଡ କରାଯାଇଛି। ଏହି ଚ?ାଉରେ ସଦର ଅବକାରୀ ଆଇଆଇସି ବିଷ୍ଣୁ ଚରଣ ମଲ୍ଲିକ, ଓଆଇସି ଦୀପକ କୁମାର ଜେନା, ଏଏସଆଇ ସୁଧୀର କୁମାର ମଲ୍ଲିକ, କନେଷ୍ଟବଳ କୃଷ୍ଣ ଚନ୍ଦ୍ର ପରିଡ଼ା, ହରପ୍ରିୟା ମଲ୍ଲିକ, ପ୍ରଶାନ୍ତ ସେଠୀ ଓ କନେଷ୍ଟବଳ ସନ୍ତୋଷ କୁମାର ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

#### ମାଟ୍ରିକ ପରୀକ୍ଷା ଫଳାଫଳକୁ ନେଇ ଶିକ୍ଷା ବିଭାଗ ନୀରବ

## ଏ-୧ ଛାତ୍ରଛାତ୍ରୀଙ୍କ ସଂଖ୍ୟା କମିଲା

ନୟାଗଡ଼, ୨୮।୫(ସମିସ): ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ନୟାଗଡ଼ ଜିଲ୍ଲା ଶିକ୍ଷା ବିଭାଗ ନୀରବ ହୋଇଯାଇଛି। ପରୀକ୍ଷାରେ ପାସ ହାର କମ ଏବଂ ଏ-୧ ଛାତ୍ରଛାତ୍ରୀଙ୍କ ସଂଖ୍ୟା କମକୁ ନେଇ ଆଲୋଚନା ଓ ସମାଲୋଚନା ହେଉଥିବା ବେଳେ ଜିଲ୍ଲା ଶିକ୍ଷା ବିଭାଗ ନୀରବ ରହିଛି। ନୟାଗଡ଼ ଜିଲ୍ଲାରେ ୨୦୨୨ ମସିହାରେ ୯୨.୦୫ ପ୍ରତିଶତ ପାସ ହାର ରହିଥିଲା। ୨୦୨୧ ମସିହାରେ ଜିଲ୍ଲାରେ ୨୨୪ ଜଣ ଛାତ୍ରଛାତ୍ରୀ ଏ୧ରେ ଉତ୍ତୀର୍ଣ୍ଣ ହୋଇଥିଲେ। ୨୦୨୩ ମସିହାରେ ଜିଲ୍ଲାରେ ୯୬.୯୨ ପାସ ହାର ରହିଥିଲା। ଜିଲ୍ଲାରେ ଏ-୧ ରେ ୧୪୦ ଜଣ ଛାତ୍ରଛାତ୍ରୀ ପାସ କରିଥିଲେ। ଚଳିତ ବର୍ଷ ନୟାଗଡ଼ ଜିଲ୍ଲାରେ ୯୬.୨୩ ପ୍ରତିଶତ ରହିଥିବା ବେଳେ ଏ୧ରେ ମାତ୍ର ୪୧ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ୩୮ ଜଣ ଏ୧ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାପୁର ବ୍ଲକରୁ ୩ ଜଣ, ଦଶପଲ୍ଲା ବ୍ଲକର ୪ ଜଣ, ଖଣ୍ଡପଡ଼ା ବ୍ଲକର ୩ ଜଣ, ନୟାଗଡ଼ ବ୍ଲକର ୯ ଜଣ, ରଣପୁର ବ୍ଲକରେ ୮ ଜଣ, ନୂଆଗାଁର ୨ ଜଣ, ଓଡ଼ଗାଁର ୧୧ ଜଣ ଏବଂ ଗଣିଆରେ ଜଣେ ପରୀକ୍ଷାର୍ଥୀ ଏ୧ ଗ୍ରେଡ୍ ପାସ୍ କରିଥିବା ଜିଲ୍ଲା ଶିକ୍ଷା ବିଭାଗ କାର୍ଯ୍ୟାଳୟରୁ ସୂଚନା ମିଳିଛି। ପରୀକ୍ଷା ଫଳ ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥାରେ ଅବନତୀକୁ ସ୍ପଷ୍ଟ କରୁଥିବା ବେଳେ ଗତବର୍ଷ ଏ-୧ ଛାତ୍ରଛାତ୍ରୀଙ୍କୁ ନେଇ ଡିଣ୍ଡିମ ପିଟୁଥିବା ଅନେକ ଘରୋଇ ବିଦ୍ୟାଳୟ ଏବର୍ଷ ମୁହଁ ଲୁଚାଇବାକୁ ବାଧ ହେଉଛନ୍ତି। ନିର୍ଦ୍ଦିଷ୍ଟ ସଂଗଠନ ଦ୍ୱାରା ପରିଚାଳିତ ହେଉଥିବା ବିଦ୍ୟାଳୟରେ ଜଣେ ମାତ୍ର ଏ-୧ ନପାଇବା ଚର୍ଚ୍ଚାର ବିଷୟ ପାଲଟିଛି। ନୟାଗଡ଼ ଜିଲ୍ଲା ଶିକ୍ଷା ବିଭାଗରେ ଅପାରଗ ଅଧିକାରୀ ଏବଂ ଶିକ୍ଷାକୁ ସଂସ୍କାର ଦେବା ପାଇଁ ଉଦ୍ୟମରେ ବିଫଳତା ପାଇଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଜିଲ୍ଲାରେ ପାସହାର କମିବା ଏବଂ ଏ୧ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଆଶାତୀତ ଭାବେ ହ୍ରାସ ହେବା ପରିସ୍ଥିତିର ସଙ୍ଗୀନତାକୁ ସ୍ପଷ୍ଟ କରୁଛି। ଜିଲ୍ଲା ଶିକ୍ଷା ଅଧିକାରୀ ଏଦିଗରେ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

**ଗତବର୍ଷ ୧୪୪ ଏ-୧, ଚଳିତ ବର୍ଷ ୪୧**

## ଘୋଡାମାରିଦ୍ୱାର-ହଟିଆପଲ୍ଲୀ ରାସ୍ତା ସିଧାମୂଳାକୁ ସଂଯୋଗ ଦାବି

ଖଣ୍ଡପଡ଼ା, ୨୮।୫(ସମିସ): ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ପଞ୍ଚାୟତର ଘୋଡାମାରିଦ୍ୱାର ଗ୍ରାମରୁ ସିଧାମୂଳା ପଞ୍ଚାୟତ କାର୍ଯ୍ୟାଳୟକୁ ପକ୍କା ରାସ୍ତା ନିର୍ମାଣ ହେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଦୀର୍ଘଦିନ ଧରି ଗ୍ରାମବାସୀଙ୍କ ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ସିଧାମୂଳା ଗ୍ରାମରୁ ନିକଟସ୍ଥ ବଳରାମପ୍ରସାଦ ଗ୍ରାମକୁ ଯିବାକୁ ହେଲେ ଘୋଡାମାରିଦ୍ୱାର ଗ୍ରାମ ରାସ୍ତା ଉପରେ ନିର୍ଭର କରିବାକୁ ପଡ଼ିଥାଏ। ମାତ୍ର ଘୋଡାମାରିଦ୍ୱାର ଠାରୁ ସିଧାମୂଳାଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଦୟନୀୟ ଅବସ୍ଥାରେ ହୋଇ ପଡ଼ିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଣୁ ଘୋଡାମାରିଦ୍ୱାର ଠାରୁ ସିଧାମୂଳା ଗ୍ରାମ ପଞ୍ଚାୟତ ମୁଖ୍ୟ କାର୍ଯ୍ୟାଳୟ ଦେଇ ହଟିଆପଲ୍ଲୀ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମର ବୁଦ୍ଧିଜୀବୀ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

## କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି






ଗଣିଆ, ୨୮।୫(ସମିସା) ମଙ୍ଗଳବାର ଅପରାହ୍ନରେ କାଳବୈଶାଖୀର ପ୍ରଭାବରେ ଗଣିଆ -ଦଶପଲ୍ଲା ମୁଖ୍ୟ ରାସ୍ତାର ଶିତୁଳିଆ ସାହି ନିକଟରେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ବର୍ଷା ଘଡଘଡି ସହ ଜୋରରେ ପବନ ବହିବାରୁ ରାସ୍ତା ପାଶ୍ୱର୍ରେ ଥିବା ବଡ ବଡ ଆମ୍ବ ଓ କୃଷ୍ଣଚୁଡା ଗଛ ସହିତ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ରାସ୍ତାରେ ପଡ଼ିଥିବାର ଦେଖିବାକୁ ମିଳିଛି। ଫଳରେ ରାସ୍ତାର ଉଭୟ ପାଶ୍ୱର୍ରେ ଗାଡିମଟର ଅଟକି ରହିଥିଲା। ଏପରିକି ଆଡକଟା ବଜାରରେ ଥିବା ରାଜାରାଣୀ ହୋଟେଲର ସମସ୍ତ ଆଜବେଷ୍ଟସ ଉଡିଯାଇଛି। ହୋଟେଲ ଭିତରେ ଥିବା ଆସବାବ ପତ୍ର ନଷ୍ଟ ହୋଇଯାଇଥିବା ହୋଟେଲ ମାଲିକ ଶ୍ରୀନିବାସ ସାହୁ କହିଛନ୍ତି। ଘଟଣାସ୍ଥଳରେ ଅଗ୍ନିଶମ ଅଧିକାରୀଙ୍କ ସମେତ କର୍ମଚାରୀ ପହଁଞ୍ଚି ରାସ୍ତା ଉପରେ ପଡ଼ିଥିବା ଗଛକୁ କାଟି ସଫା କରିଥିଲେ। ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ଯୁଦ୍ଧକାଳୀନ ଭିତିରେ ମରାମତି କାର୍ଯ୍ୟ କରି ବିଦ୍ୟୁତ୍ ସରବାରହ ସ୍ୱାଭାବିକ କରିଥିଲେ।

## ଚାଚେରୀ ଭୋଗ ଖିଆ ସହ ଠାକୁରଙ୍କ ଗ୍ରାମ ପରିକ୍ରମା



ଖଣ୍ଡପଡ଼ା/କଣ୍ଟିଲୋ, ୨୮।୫(ସମିସ): ପବିତ୍ର ଚନ୍ଦନ ଯାତ୍ରା ପରିପ୍ରେକ୍ଷୀରେ ନୀଳମାଧବ ଜୀଉଙ୍କ ଚଳିତ ପ୍ରତିମା ସୁସଜିତ ବିମାନରେ ଅବସ୍ଥାନ ହୋଇ କଣ୍ଟିଲୋ ଅଞ୍ଚଳର ବିଭିନ୍ନ ସାହି ଗୁଡ଼ିକରେ ପରିକ୍ରମା ପାଇଁ ପ୍ରସ୍ତୁତ ହୋଇଥିବା ଦେଖିବାକୁ ମିଳିଛି। ଏ ଅବସରରେ ଆଜି ମଦନମୋହନ, ଲକ୍ଷ୍ମୀ, ସରସ୍ୱତୀ ଏବଂ ଶିବ ପାର୍ବତୀ ଉଡ଼ଁରୀ ଯାତ୍ରାର ୧୯ ଚାପ ଖେଳିବା ସହ କୃଷ୍ଣଶ୍ୱରପାଟଣା ସମେତ ବିଭିନ୍ନ ସାହିରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଚାଚେରୀ ଭୋଗ ଖିଆ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏକ ଆଧ୍ୟାଇକ ପରିବେଶ ମଧ୍ୟରେ ବିଗ୍ରହମାନଙ୍କ ସାହି ପରିକ୍ରମା ହୋଇଥିଲା। ବିଗ୍ରହଙ୍କ ପୂଜାର୍ଚ୍ଚନା ନିମନ୍ତେ ପ୍ରତ୍ୟେକ ଘରେ ଲୋକଙ୍କ ମଧ୍ୟରେ ଉତ୍ସବ ମୁଖରହୋଇଥିବାଦେଖିବାକୁମିଳିଥିଲା। ତେବେରାତ୍ରଦଶଟା ରେ ଚନ୍ଦନ ପୋଖରୀରେ ବିଗ୍ରହଙ୍କ ଚାପ ନୀତି ଦେଖିବା ପାଇଁ ଶ୍ରଦ୍ଧାଳୁମାନେ ଏକତ୍ରିତ ହୋଇଥିବା ଦେଖିବାକୁ ମିଳିଥିଲା।

# ସୁନାମୁହିଁରେ ନିର୍ବାଚନ ପରବର୍ତ୍ତୀ ହିଂସା

### ୩ ମାମଲା ରୁଜୁ, ଉତ୍ତେଜନା ନିୟନ୍ତ୍ରଣ ପାଇଁ ଶାନ୍ତି କମିଟି ଗଠିତ

ଓଡ଼ଗାଁ, ୨୮।୫(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ସୁନାମୁହଁ ଗାଁରେ ନିର୍ବାଚନ ପରବର୍ତ୍ତୀ ହିଂସାକାଣ୍ଡକୁ ନେଇ ୩ ମାମଲା ରୁଜୁ ହୋଇଥିବା ବେଳେ ଜଣେ ଅଭିଯୁକ୍ତକୁ ସିଆରପିସି ଧାରା ୪୧(କ)ରେ ନୋଟିସ ମାଧ୍ୟମରେ ଛଡିଦିଆଯାଇଛି। ଅପର ପକ୍ଷରେ ନୟାଗଡ଼ ଜିଲ୍ଲା ଅତିରିକ୍ତ ଏସ୍‌ପି ସନାତନ ଖାଲକୋ, ଆଇଆଇସି ରଶ୍ମିରଞ୍ଜନ ସାହୁ, ଏସ୍‌ଆଇ ଚକ୍ରଧର ସିଂ ଏଏସଆଇ ମନୋଜ କୁମାର ପାତ୍ର ସୁନାମୁହଁ ଯାଇ ସେଠାରେ ଉଭୟ ପକ୍ଷର ଉପସ୍ଥିତିରେ ଏକ ଶାନ୍ତି କମିଟି ଗଠନ କରିଥିବା ବେଳେ ପରିସ୍ଥିତି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି। ଅଭିଯୋଗ ଅନୁସାରେ ଗତ ୨୫ ତାରିଖ ସାଧାରଣ ନିର୍ବାଚନ ପାଇଁ ସିଆରପିଏଫ୍ ପୁଲିସ୍ ସୁନାମୁହଁ ହାଇସ୍କୁଲ ଠାରେ ରହିଥିଲେ। ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ଉକ୍ତ ଅର୍ଦ୍ଧ ସାମରିକ ବାହିନୀଙ୍କ ଆବଶ୍ୟକ ବେଳେ ବିଶୁଦ୍ଧ ପାନୀୟ ଜଳ କିମ୍ବା ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଇ ଦେଉଥିଲେ।

ଗତ ୨୬ ତାରିଖ ସନ୍ଧ୍ୟାରେ ସିଆର୍‌ପିଏଫ ପୁଲିସ ବାହିନୀଙ୍କୁ ସହଯୋଗ କରିବା ପାଇଁ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ଦୁତିକୃଷ୍ଣ ନାହାକ ସୁନାମୁଁହି ହାଇସ୍କୁଲକୁ ଯାଇଥିବା ବେଳେ ସାମ୍ନାରେ ଦୋକାନ କରିଥିବା ବିଜେପି ସମର୍ଥିତ ସୁନାମୁହଁ ଗ୍ରାମର ବସନ୍ତ କୁମାର ବିଶୋଇ ଦୁତିକୃଷ୍ଣଙ୍କୁ ଦୋକାନ ସାମ୍ନାରେ ଅଟକାଇ ଗାଳିଗୁଲଜ ମାର୍‌ପିଟ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏତଦବ୍ୟତୀତ ଜାତିଆଣ ଆକ୍ଷେପ କରିଥିଲେ। ଏହି ସମୟରେ ପାଟ୍ରୋଲିଂରେ ଯାଇଥିବା ଓଡ଼ଗାଁ ପୁଲିସ ଘଟଣାସ୍ଥଳ ଅତିକ୍ରମ କରୁଥିବା ବେଳେ ବସନ୍ତ ପୁଲିସଙ୍କୁ ମଧ୍ୟ ଗାଳିଗୁଲଜ ଓ ଦୁର୍ବ୍ୟବହାର କରିଥିଲେ। ପାଟ୍ରୋଲିଂ ଦାୟିତ୍ୱରେ ଥିବା ଓଡ଼ଗାଁ ପୁଲିସ ଅଫିସର ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବାକୁ ଯାଇ ଘଟଣାସ୍ଥଳରେ ନିଶାଶକ୍ତ ଅବସ୍ଥାରେ ଥିବା ବସନ୍ତ ବିଶୋଇକୁ ଗାଡିରେ ବସାଇ ଥାନାକୁ ଆଣିଥିଲେ। ଉକ୍ତ ଘଟଣା ନେଇ ଦୁତିକୃଷ୍ଣ ନାହାକ ଥାନାରେ ଅଭିଯୋଗ କରିବା ପରେ ପୁଲିସ ୧୫୪/୨୪ରେ ବିଭିନ୍ନ ଦଫା ସହ ଜାତିଆଣ ଆକ୍ଷେପ ମାମଲା ରୁଜୁ କରିଥିଲେ। ଏବଂ ପୋଲିସ ପାଟ୍ରୋଲିଂ ଦାୟିତ୍ୱରେ ଥିବା ଏଏସଆଇ ମନୋଜ କୁମାର ପାତ୍ରଙ୍କ ଅଭିଯୋଗରେ ୨୭ ତାରିଖରେ ବିଭିନ୍ନ ଦଫାରେ ୧୫୩/୨୪ରେ ଅନ୍ୟ ଏକ ମାମଲା ରୁଜୁ ହୋଇଥିଲା। ଅପର ପକ୍ଷରେ ବସନ୍ତଙ୍କ ମା' ଶାନ୍ତି ବିଶୋଇ ବିଜେଡି ସମର୍ଥକ ଦୁତିକୃଷ୍ଣ ନାହାକ, ମାନସ ରଞ୍ଜନ ସାହୁ, ମାନସ ପ୍ରଧାନ, ଭୁବନେଶ୍ୱର ସାହୁଙ୍କ ସହିତ ଅନ୍ୟ ତିନିଜଣଙ୍କ ନାଁରେ ପାଲଟା ଅଭିଯୋଗ କରିଥିବା ବେଳେ ପୋଲିସ ଆଉ ଗୋଟିଏ ମାମଲା ରୁଜୁ କରିଛନ୍ତି। ଶରଣକୁଳ ଏସ୍‌ଡିପିଓ ସୁଧାକର ସାହୁ ଜାତିଆଣ ମାମଲାର ତଦନ୍ତ କରୁଥିବା ଜଣାଯାଇଛି।



## ଜିଲ୍ଲାସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



**ଖୋର୍ଦ୍ଧା, ୨୮।୫(ସମିସ):** ଖୋର୍ଦ୍ଧା ଜିଲ୍ଲା କ୍ରୀଡ଼ା ସଂସଦ ପକ୍ଷରୁ ଦୁଇଦିନ ଧରି ଚାଲିଥିବା ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଘାଟନ ଉତ୍ସବରେ ବିଶିଷ୍ଟ ସମାଜସେବୀ ଓ କ୍ରୀଡାସଂସଦର ସଭ୍ୟ ଜ୍ୟୋତିପ୍ରକାଶ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ ଓ ସମ୍ମାନନୀୟ ଅତିଥିଭାବରେ ଡାନିଏଲ୍ ନାଏକ ଯୋଗଦେଇଥିଲେ । ଉଦ୍‌ଯାପନ ଉତ୍ସବରେ କ୍ରୀଡ଼ା ସଂସଦର ବରିଷ୍ଠ ସଭ୍ୟ ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅକ୍ଷୟ ମହାନ୍ତି ମୁଖ୍ୟ ଅତିଥିଭାବରେ ଯୋଗଦାନକରି କୃତୀ କ୍ରୀଡ଼ାବିତ୍‌ମାନଙ୍କୁ ପ୍ରତିଭା ପ୍ରମାଣପତ୍ର ପ୍ରଦାନ କରିଥିଲେ । ଅନ୍ୟତମ ଅତିଥିଭାବରେ ଶିବପ୍ରସାଦ ପଟ୍ଟନାୟକ, ପ୍ରେମାନନ୍ଦ ବରାଳ, ଦିଲ୍ଲୀପ କର ଓ ପ୍ରଫୁଲ୍ଲ ବେହେରା ଯୋଗଦେଇଥିଲେ । ପ୍ରାରମ୍ଭରେ କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ଉପେନ୍ଦ୍ର ନାଥ ଦାସ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ପରିଶେଷରେ କ୍ରୀଡ଼ା ସଂସଦର ସଭ୍ୟ ମନୋରଞ୍ଜନ ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ । ଦୁଇଦିନ ଧରି ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତାରେ ୩୧୫ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ବାଳକ ଓ ବାଳିକା ବର୍ଗର ୧୦୦ମି., ୨୦୦ମି., ୪୦୦ମି, ୬୦୦ମି., ୮୦୦ମି, ୧୫୦୦, ମି, ୩୦୦୦ମି, ୫୦୦୦ମି, ଦୌଡ ସହିତ ଡିସ୍‌କସ୍ ଥ୍ରୋ, ଜାଭେଲିନ୍ ଥ୍ରୋ, ସଟ୍‌ପୁଟ୍ ଥ୍ରୋ, ଲମ୍ବଡିଆଁ, ଉଚ୍ଚଡିଆଁ, ଆଦି ପ୍ରତିଯୋଗିତା ହୋଇଥିଲା । ଉକ୍ତ ପ୍ରତିଯୋଗିତାକୁ ଜିଲ୍ଲା କ୍ରୀଡ଼ା ସଂସଦର ସଭ୍ୟବୃନ୍ଦ ଏବଂ ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକଶିକ୍ଷୟିତ୍ରୀ ସୁଚାରୁ ରୂପେ ପରିଚାଳନା କରିଥିଲେ । ଉକ୍ତ ପ୍ରତିଯୋଗିତାରେ ଶ୍ରେଷ୍ଠତ୍ୱସ୍ଥାନ ଅଧିକାର କରିଥିବା କ୍ରୀଡ଼ାବିତ୍‌ମାନେ ଜୁନ୍ ୦୧ତାରିଖଠାରୁ ୦୩ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହେବାକୁଥିବା ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ସାଧାରଣ ସମ୍ପାଦକ ଉପେନ୍ଦ୍ରନାଥ ଦାସ ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି ।

## ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ନୂତନ ସିଇଓଙ୍କ ନିଯୁକ୍ତି



**ଖୋର୍ଦ୍ଧା, ୨୮।୫(ସମିସ):** ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କରେ ନୂତନ ସିଇଓ ଭାବେ ସନ୍ଦୀପ କୁମାର ପଟ୍ଟନାୟକ ନିଯୁକ୍ତ ହୋଇଛନ୍ତି । ଶ୍ରୀ ପଟ୍ଟନାୟକ ପୂର୍ବରୁ ଏହି ବ୍ୟାଙ୍କରେ ଡିଜିଏମ ଥିଲେ । ପୂର୍ବରୁ ସିଇଓ ଭାବେ କାର୍ଯ୍ୟରତ ଥିବା ଅଶୋକ କୁମାର ଦାସଙ୍କର ରାଜ୍ୟ ସମବାୟ ବ୍ୟାଙ୍କ ଜେନେରାଲ ମ୍ୟାନେଜର ଭାବେ ବଦଳି ହେବା ପରେ ତାଙ୍କ ସ୍ଥାନରେ ନୂତନ ସିଇଓ ଭାବେ ନିଯୁକ୍ତି ହୋଇଛନ୍ତି ଶ୍ରୀ ପଟ୍ଟନାୟକ । ତାଙ୍କୁ ମଙ୍ଗଳବାର ଖୋର୍ଦ୍ଧା ସେବା ସମବାୟ ସମିତି ଲିଃ ର ବ୍ଲକ ସଭାପତି ଝଜ ସାମନ୍ତରାୟ, ଜିଲ୍ଲା ସମ୍ପାଦକ ବିଶ୍ୱନାଥ ମହାରଣା, ରାଜ୍ୟ ୟୁନିୟନ ସଭାପତି ନିତ୍ୟାନନ୍ଦ ଦାଶ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ସଦର ଶାଖାର ପରିଚାଳକ ଅଜୟ କୁମାର ଦାସ, ପ୍ରଭାତ ପ୍ରହରାଜ, ପରମାନନ୍ଦ ନାୟକ, ପ୍ରକାଶ ବଳିୟାରସିଂହ, କାଶୀନାଥ ମିଶ୍ର, ନିର୍ମଳ ରାଉତ ଇତ୍ୟାଦି ସମ୍ପାଦକ ଓ ଅନ୍ୟ କର୍ମଚାରୀ ପ୍ରମୁଖ ସ୍ୱାଗତ ଜଣାଇଛନ୍ତି ।

## ମା'ବଘେଇଙ୍କ ବାର୍ଷିକ ଉତ୍ସବ



**ଖୋର୍ଦ୍ଧା, ୨୮।୫(ସମିସ):** ଖୋର୍ଦ୍ଧା ବ୍ଲକ ଧଉଳିମୁହଁ ପଞ୍ଚାୟତ ଅନ୍ତର୍ଗତ କଣ୍ଟାବଣିଆ ଗ୍ରାମର ଇଷ୍ଟଦେବୀ ମା'ବଘେଇ ଠାକୁରାଣୀଙ୍କ ଜନ୍ମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ଯଜ୍ଞ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି । ୨୭ତାରିଖ ଦିନ ଅଙ୍କୁରାରୋପଣ ହେବା ପରେ ଗ୍ରାମର ଶତାଧିକ ମାନସିକଧାରୀ ପୁଷ୍କରିଣୀରୁ ଜଳ ଆଣି ଗ୍ରାମ ଶୋଭାଯାତ୍ରା କରି ମା'ଙ୍କ ପୀଠକୁ ଆଣିସ୍ଥାପନ କରିଥିଲେ । ପରେ ଶାଳାମଣ୍ଡନ, ସୂର୍ଯ୍ୟପୂଜା, ସ୍ୱର୍ବଦେବୀ ଆବାହନ ଅଗ୍ନିସ୍ଥାପନ କରାଯାଇ ଯଜ୍ଞ ଆରମ୍ଭ ହୋଇଥିଲା । ସନ୍ଧ୍ୟା ୬ ଟା ରେ ସମସ୍ତ ମାନସିକ ଧାରୀ ଓ ଅନ୍ୟାନ୍ୟ ଶ୍ରଦ୍ଧାଳୁ ଯଜ୍ଞ ନାରାୟଣଙ୍କୁ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ । ରାତିରେ ଶ୍ରୀରାମ ନାଟକ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ଯଜ୍ଞ କର୍ତ୍ତା ଭାବେ ଗ୍ରାମର ବିଜୟ କୁମାର ସାହୁ, କୁମୁଦିନି ସାହୁ ସଞ୍ଚାଳନ କରିଥିବା ବେଳେ ଗ୍ରାମବାସୀ ସହଯୋଗ କରିଥିଲେ ।

### ୮ ବିଧାନସଭା ଓ ଲୋକସଭା ପାଇଁ ଭୋଟଦେଲେ ୧୨ଲକ୍ଷ ୪୫ହଜାର ଭୋଟର

# ଷ୍ଟ୍ରଙ୍ଗରୁମ୍‌ରେ ତାଲା ପଡ଼ିଛି ପ୍ରାର୍ଥୀଙ୍କ ଭାଗ୍ୟ

**ଖୋର୍ଦ୍ଧା, ୨୮।୫(ସମିସ)**



**୨୦୧୯ ଅପେକ୍ଷା ୨୦୨୪ରେ ବଢ଼ିଛି ୬ ପ୍ରତିଶତ ମତଦାନ**

ତୃତୀୟ ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଛି । ଏଥିରେ ଭୁବନେଶ୍ୱର ଲୋକସଭା ଏବଂ ଖୋର୍ଦ୍ଧା ଜିଲ୍ଲାର ୮ଗୋଟି ବିଧାନ ସଭା ନିମନ୍ତେ ସମୁଦାୟ ୧୨, ୪୫, ୯୪୯ଭୋଟର ମତଦାନ କରିଛନ୍ତି । ପ୍ରାର୍ଥୀଙ୍କ ଭାଗ୍ୟ ଏବେ ଇଭିଏମ୍ ରେ ସିଲ ହୋଇ ଷ୍ଟ୍ରଙ୍ଗରୁମ୍ ଭିତରେ ରହିଛି । ତେଣୁ ଚଳିତ ନିର୍ବାଚନ ପ୍ରଚାର ସମୟରେ ଭୋଟରଙ୍କୁ ମନାଇବା ପାଇଁ ପ୍ରାର୍ଥୀ କେତେଦୂର ସମ୍ଭବ ହୋଇଛନ୍ତି ତାହା ଭୋଟ ଗଣତି ପରେ ଏକ ପ୍ରକାର ସ୍ପଷ୍ଟ ହେବ । କିନ୍ତୁ ଚଳିତ ଥର ମତଦାନରେ ଜିଲ୍ଲାରେ ମହିଳା ଭୋଟରଙ୍କ ସଂଖ୍ୟା କମ୍ ରହିଛି । ଜିଲ୍ଲା ବ୍ୟାପି ୧୯, ୦୬, ୫୧୮ ଜଣ ଭୋଟର ରହିଥିବାବେଳେ ତନ୍ମଧ୍ୟରେ ୯, ୯୦, ୭୩୪ଜଣ ପୁରୁଷ ଓ ୯, ୧୫, ୨୦୫ଜଣ ମହିଳା ଭୋଟର ରହିଛନ୍ତି ।

ଜିଲ୍ଲା ନିର୍ବାଚନ ବିଭାଗ ତଥ୍ୟ ବୁତାବକ ୬, ୪୦, ୨୨୯ଜଣ ପୁରୁଷ ଭୋଟର ଭୋଟ ଦେଇଥିବାବେଳେ ୬, ୦୫, ୫୯୧ଜଣ ମହିଳା ଓ ଅନ୍ୟାନ୍ୟ ୧୨୯ଜଣ ଭୋଟର ସେମାନଙ୍କର ମତଦାନ କରିଛନ୍ତି । ଜୁନ ୪ରେ ନିର୍ବାଚନ ଫଳାଫଳ ପରେ କାହା ମୁଣ୍ଡରେ ସୁନା କଳସ ଭୋଟର ଦେଇଛନ୍ତି ତାହା ସ୍ପଷ୍ଟ ହୋଇଯିବ । ମୁଖ୍ୟତଃ ପ୍ରଚାର ପରେ ସାଧାରଣ ଜନତା ଆଶ୍ୱସ୍ତ ହୋଇଥିବା ବେଳେ ନିଜ ସମର୍ଥକ ଓ କର୍ମୀଙ୍କ ମଧ୍ୟରେ କାହା ସପକ୍ଷରେ କେତେ ପରିମାଣ ଭୋଟ ଯାଇଛି ତାକୁ ନେଇ ଅଙ୍କକଷା ଆରମ୍ଭ ହୋଇଯାଇଛି । ଗାଁ ଛକ ଠାରୁ ସବୁଠାରେ ନିର୍ବାଚନ ଫଳାଫଳକୁ ନେଇ ଚର୍ଚ୍ଚା ଯୋର ଧରିଛି । କିଛି କର୍ମୀମାନେ ବିଭିନ୍ନ ସ୍ଥାନରେ ଜନମତ ତାଙ୍କ ନେତାଙ୍କ ସପକ୍ଷରେ ଯିବା ସଫେଇ ଦେଉଥିବାବେଳେ ଆଉ କିଛି ଭୋଟ୍ ର ପରିମାଣକୁ ନେଇ ସମୀକ୍ଷା କରିଛନ୍ତି । ଏବେ ପ୍ରାର୍ଥୀଙ୍କ ଘରର ଦ୍ୱାର ଖାଁ ଖାଁ ଦେଖାଯାଇଛି । କିଛି ସ୍ଥାନରେ ଭୋଟ ପ୍ରତିଶତକୁ କୁ ନେଇ ଭୋଟର ଓ କର୍ମୀଙ୍କ ମଧ୍ୟରେ କଥା କଟା କଟି ଆରମ୍ଭ ହେଇଯାଇଥିବା ଦେଖାଯାଇଛି ।

ତ୍ରିସ୍ତରୀୟ ସୁରକ୍ଷା ମଧ୍ୟରେ ଭୁବନେଶ୍ୱର ଲୋକସଭାର ୧୨ପ୍ରାର୍ଥୀ ଓ ୮୩ ଜଣ ବିଧାନସଭାପ୍ରାର୍ଥୀଙ୍କ ରାଜନୈତିକ ଭାଗ୍ୟ ଏବେ ଇଭିଏମ୍ ମେସିନ ଭିତରେ ଷ୍ଟ୍ରଙ୍ଗ ରୁମରେ ସିଲ୍ ହୋଇ ରହିଛି । ଖୋର୍ଦ୍ଧାରେ ବିଧାନସଭା ପ୍ରାର୍ଥୀ ଭାବେ ୧୦ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଥିବାବେଳେ ମତଦାନ କରିବା ପାଇଁ ୨୫୭ବୁଥ ହୋଇଥିଲା । ଏଥିରେ ସମୁଦାୟ ୨୪୯୩୦୨ଜଣ ଭୋଟରଙ୍କ ମଧ୍ୟରୁ ୧୮୧୩୬୪ଜଣ ଭୋଟର ଭୋଟ ଦେଇଥିବାବେଳେ ୭୨.୭୫ ପ୍ରତିଶତ ମତଦାନ ହୋଇଛି । ୨୦୧୯ ନିର୍ବାଚନ ଅପେକ୍ଷା ଚଳିତ ନିର୍ବାଚନରେ ୧.୩ପ୍ରତିଶତ ମତଦାନ ବଢ଼ିଛି । ବେଗୁନିଆ ନିର୍ବାଚନ ମଣ୍ଡଳୀର ୨୩୯ ବୁଥରେ ୧୧ଜଣ ପ୍ରାର୍ଥୀ ବିଧାନସଭା ପାଇଁ ପ୍ରାର୍ଥୀ ହୋଇଥିଲେ । ୧୫୭୮୬୭ଜଣ ଭୋଟର ସେମାନଙ୍କର ମତ ସାବ୍ୟସ୍ତ କରିଛନ୍ତି । ଏଠାରେ ୭୧.୬୯ ପ୍ରତିଶତ ମତଦାନ ହୋଇଥିବା ବେଳେ ପୂର୍ବ ନିର୍ବାଚନ ଅପେକ୍ଷା ଗୋଟିଏ ପ୍ରତିଶତ କମିଛି । ଚିଲିକା ନିର୍ବାଚନ ମଣ୍ଡଳୀର ୮ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ୨୪୬ବୁଥରେ ୧୬୭୨୮୩ଜଣ ଭୋଟର ସେମାନଙ୍କର ମତ ସାବ୍ୟସ୍ତ କରିଛନ୍ତି । ଚିଲିକା ନିର୍ବାଚନମଣ୍ଡଳୀ ନିମନ୍ତେ ପ୍ରାଣନାଥ ମହାବିଦ୍ୟାଳୟ, ଭୁବନେଶ୍ୱର ଲୋକସଭା କ୍ଷେତ୍ର ଅନ୍ତର୍ଗତ ବେଗୁନିଆ ଓ ଖୋର୍ଦ୍ଧା ନିବାଚନମଣ୍ଡଳୀ ଇଭିଏମ୍‌କୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟ ଷ୍ଟ୍ରଙ୍ଗରୁମରେ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରଖାଯାଇଛି । ସେହିପରି ଜୟଦେବ, ଭୁବନେଶ୍ୱର ଉତ୍ତର ଓ ମଧ୍ୟ, ଏକାମ୍ର ଏବଂ ଜଟଣୀ ନିର୍ବାଚନମଣ୍ଡଳୀର ଇଭିଏମ୍ ବିଜେବି କଲେଜରେ ଷ୍ଟ୍ରଙ୍ଗରୁମରେ ରଖାଯାଇଛି ।

ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀରେ ସମୁଦାୟ ୧୦ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଥିବାବେଳେ ଏବେ ମଧ ବିଜୟ ଅସ୍ପଷ୍ଟ ରହିଛି । ଫଳରେ ବିଜୟୀ କିଏ ହେବ ତାକୁ ନେଇ କଳ୍ପନା ଜଳ୍ପନା ଦେଖାଯାଇଛି । ବିଜୟ ଟିକା ଭୋଟର କାହାକୁ ପିନ୍ଧାଇବେ ତାକୁ ନେଇ ନିର୍ବାଚନ ମଣ୍ଡଳୀରେ ବେଶ ଆଲୋଚନା ଜୋର ଧରିଛି । ସେହିପରି ଚିଲିକା ନିର୍ବାଚନ ମଣ୍ଡଳୀରେ ସମୁଦାୟ ୮ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ଦୁଇ ପ୍ରମୁଖ ରାଜନୈତିକ ଦଳୀୟ ବିଜେପି ଓ ବିଜେଡି ନେତାଙ୍କମଧ୍ୟରେ ଛାନିଆ ପଶିଛି । କିଛି ସ୍ଥାନରେ ମତଦାନ ସଂଖ୍ୟା ବୃଦ୍ଧି ହେବା ନେଇ କର୍ମୀଙ୍କ ମଧ୍ୟରେ ଛକା ପଞ୍ଝା ଦେଖାଯାଇଛି । ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ସୂଚନା ମୁତାବକ ଜିଲ୍ଲାରେ ସମୁଦାୟ ୬୫.୩୫ ପ୍ରତିଶତ ମତଦାନ ହୋଇଛି । ୨୦୧୯ ନିର୍ବାଚନ ସମୟରେ ଜିଲ୍ଲାରେ ୫୯.୬୦ପ୍ରତିଶତ ମତଦାନ ହୋଇଥିଲା । ଚଳିତ ନିର୍ବାଚନରେ ୫.୭୫ ପ୍ରତିଶତ ମତଦାନ ବଢ଼ିଛି ।

## ଶ୍ରମିକ କଂଗ୍ରେସ ଓ ପ୍ରଶାସନର ମିଳିତ ପରିଦର୍ଶନ



**ଜଟଣୀ, ୨୮।୫(ସମିସ):** ସ୍ଥାନିୟ ଖୋର୍ଦ୍ଧାରୋଡ଼ ରେଳମଣ୍ଡଳ ଠାରେ ଶ୍ରମିକ କଂଗ୍ରେସ ଓ ରେଳ ପ୍ରଶାସନର ଗତ ୨୨ତାରିଖ ସ୍ଥାୟୀ ବୁଝାମଣା (ପି ଏନ ଏମ ) ସଭାରେ ବିଭିନ୍ନ ମୌଳିକ ଦାବି ଉପରେ ଆଲୋଚନା କାରାଯାଇଥିଲା । ବହୁ ପୁରୁଣା ଦାବି ଏସ ଆଣ୍ଡ ଟି ବିଭାଗ କର୍ମଚାରୀଙ୍କ ନର୍ଥୟାର୍ଡ଼ ଓ ରଥିପୁର ଲେବଲ କ୍ରସିଂ ଠାରେ ଷ୍ଟୋର ଓ ବିଶ୍ରାମ ଗୃହ ଏବଂ ୟାର୍ଡ଼ ମାଷ୍ଟର ଷ୍ଟାଫଙ୍କ ପାଇଁ ପୁରୁଣା ଡିଜେଲ ପ୍ଲାଣ୍ଟ ପାଖରେ ସିକୁରିଙ୍ଗ ରୁମ ସମ୍ପର୍କରେ ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁଙ୍କୁ ଦାବି ଉପରେ ତତ୍କାଳ ସମାଧାନ ଲାଗି ନିଷ୍ପତି ନିଆଯାଇଥିଲା । ମଙ୍ଗଳବାର ସନ୍ଧ୍ୟାରେ ଶ୍ରମିକ କଂଗ୍ରେସ ତରଫରୁ ଶାଖା ସମ୍ପାଦକ ଏଲ ଡ଼ି ମହାନ୍ତି, ପ୍ରଦୀପ ସୁନ୍ଦରାୟ, ଜିଭିଆର ମୂର୍ତ୍ତି ଓ ରେଳ ପ୍ରଶାସନ ତରଫରୁ ସହକାରୀ ମଣ୍ଡଳ ଯନ୍ତ୍ରୀ ଡ଼ି ପ୍ରଭାକର ରାଓ, ସହକାରି ମଣ୍ଡଳ ଏସଆଣ୍ଡଟି ଯନ୍ତ୍ରୀ ଦଣ୍ଡପାଣି ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ ନିଲମ କୁମାର, ଇନଚାର୍ଜ ଜି ନରସିଂଲୁ ପ୍ରମୁଖ ମିଳିତ ଭାବେ ଘଟଣାସ୍ଥଳକୁ ଯାଇ ପରିଦର୍ଶନ କରିଥିଲେ । ତୁରନ୍ତ କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରଶାସନ ତରଫରୁ ପ୍ରତିଶ୍ରୁତି ମିଳିବାରୁ ଶାଖା ସମ୍ପାଦକ ଶ୍ରୀ ମହାନ୍ତି ଧନ୍ୟବାଦ ଦେଇଥିଲେ ।

## ପୁଣି ପିଚୁ ଫାଟି ଆଁ: ମରାମତି ଦାବି

**ନିରାକାରପୁର, ୨୮।୫(ସମିସ):** ବର୍ଷେ ତଳେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ନୂଆ ଜଗନ୍ନାଥ ସଡକର କେଶରପୁର ଛକ ଠାରୁ ରାମେଶ୍ୱର ଛକ ପର୍ଯ୍ୟନ୍ତ ନୂତନ ପିଚୁ କରାଗଲା । ଏଭଳି କି ପୁରୁଣା କଂକ୍ରିଟ ରାସ୍ତା ଉପରେ ମଧ ପିଚୁର ଆସ୍ତରଣ ଦିଆଗଲା । ପୂର୍ବରୁ ଏହି କଂକ୍ରିଟ ରାସ୍ତାର ଦୁଇ ସ୍ଲାବ ମଝିରେ ବଡ ଗ୍ୟାପ ହୋଇଥିଲା । କିନ୍ତୁ ପିଚୁର ନୂତନ ଆସ୍ତରଣ ଦିଆଯିବା ପରେ ଗାଡି ମଟର ଗୁଡିକ ଆରାମରେ ଯିବା ଆସିବା କଲା । କିନ୍ତୁ କାମକୁ ସଠିକ ଭାବେ କରାଯାଇ ନଥିବାରୁ ଏବେ ପୁଣି ଥରେ ପିଚୁ ରାସ୍ତାର ମଝି ଫାଟି ଆଁ କଲାଣି ଏବଂ ଏହା ଦିନକୁ ଦିନ ସମ୍ପ୍ରସାରିତ ହେବାରେ ଲାଗିଛି । ଏହି ରାସ୍ତା ଦେଇ ଅନେକ ବଡ ବଡ ଟୁରିଷ୍ଟ ବସ ଏବଂ ଟ୍ରକ୍ ଯିବା ଆସିବା କରୁଥିବାରୁ ତଳେ ଥିବା କଂକ୍ରିଟ ଚହଲି ଯିବା ସହ ପିଚୁ କୁ ଫଟେଇ ଦେଉଛି । କେଶରପୁର ଠାରୁ ବକୁ ପର୍ଯ୍ୟନ୍ତ ଏଭଳି ଗର୍ତ୍ତ ସୃଷ୍ଟି ହୋଇଛି । ଏବେ ଏହି ରାସ୍ତାରେ ଯିବା ନିରାପଦ ହୋଇ ରହି ନାହିଁ । ଅନେକ ଲୋକ ମଧ ଇତି ମଧ୍ୟରେ ପଡ଼ି ଆହତ ହେଲେଣି । ତେଣୁ ଏହାକୁ ଯଥା ଶୀଘ୍ର ମରାମତି କରିବାକୁ ଅଞ୍ଚଳବାସୀଙ୍କ ତରଫରୁ ଦାବି ହେଉଛି ।



## +୨ କାଳରେ ବି ଦୀପିକା ଓ ବାଣିଜ୍ୟରେ ଲାଲା ବ୍ଲକ୍ ଟପ୍ପର

**ନିରାକାରପୁର, ୨୮।୫(ସମିସ):** ଚଳିତ ବର୍ଷ ଯୁକ୍ତ ଦୁଇ ପରୀକ୍ଷାରେ ଖୋର୍ଦ୍ଧା ଜିଲ୍ଲା କମାଗୁରୁ ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ସ୍କୁଲର କଳା ବିଭାଗ ଛାତ୍ରୀ ବି ଦୀପିକା ନାଇଡୁ ୫୦୯ ନମ୍ବର ରଖି ଟାଙ୍ଗୀ ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସେହିପରି ବାଣିଜ୍ୟ ବିଭାଗରେ ନିରାକାରପୁର





କ୍ଷେତ୍ରବାସୀ ଡିଏଭି କଲେଜ ଛାତ୍ର ଲାଲା ଦାସ ୫୩୩ ନମ୍ବର ରଖି ଟାଙ୍ଗୀ ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ବି ଦୀପିକା ନାଇଡୁ କୁହୁଡି ସୋରଣନିବାସୀ ବି ମନୋଜ କୁମାର ନାଇଡୁଙ୍କ କନ୍ୟା ହୋଇଥିବା ବେଳେ ଭୂଷଣ୍ଡପୁର ଝାଟି ନୂଆଗାଁ ଗ୍ରାମର ସୁସେନ୍ କୁମାର ଦାସଙ୍କ ପୁତ୍ର ଅଟନ୍ତି । ଏହି ସଫଳତାରେ ତାଙ୍କୁ କଲେଜ ତରଫରୁ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଶୁଭେଚ୍ଛା ଜଣାଇଛନ୍ତି ।

## ବିଶ୍ୱ ରତୁସ୍ରାବ ଦିବସ ପାଳନ

**ବେଗୁନିଆ, ୨୮।୫(ସମିସ):** ବେଗୁନିଆ ସଦର ମହକୁମାସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସଭା ଗୃହରେ ବିଶ୍ୱରତୁସ୍ରାବ ଦିବସ ପାଳନ ହୋଇଛି । ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ ଡାକ୍ତର ମଧୁସୂଦନ ସୁବୁଦ୍ଧି ଯୋଗ ଦେଇ ଉପସ୍ଥିତ ଥିବା ଜନ ସାଧାରଣଙ୍କୁ ରତୁସ୍ରାବ ଜନିତ ସମସ୍ୟା ଓ ପ୍ରତିଷେଧମୂଳକ ବ୍ୟବସ୍ଥା ସମ୍ପର୍କରେ ଅବଗତ କରିଥିଲେ । ଫାର୍ମାସିଷ୍ଟ ଗୌତମ ସାମନ୍ତରାୟ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ବିବରଣୀ ପ୍ରଦାନ କରିଥିଲେ ।



● କଣ୍ଟେନରରୁ ୬୧ ଗୋରୁ ଉଦ୍ଧାର

## ଡ୍ରାଇଭର୍ ହେଲ୍‌ପର ଫେରାର






**ବାଲୁଗାଁ, ୨୮।୫(ସମିସ):** ୧୬ ନମ୍ବର ଜାତୀୟ ରାଜପଥର ବାଲୁଗାଁ ବାଇପାସ ରାସ୍ତାର ବେଲପଡ଼ା ଛକ ନିକଟରୁ ଭୋରୁ ଆନ୍ଧ୍ର ପ୍ରଦେଶ ଚାଲାଣ ହେଉଥିବା ଏକ କଣ୍ଟେନରରେ ଗୋ ମାଫିଆ ଅତି ନୃଶଂସ ଭାବେ ବୋଝେଇ କରି ନେଉଥିବା ୬୧ଟି ଗୋରୁ ପୁଲିସ ଉଦ୍ଧାର କରିଛି । ତେବେ ଗାଡିର ଡ୍ରାଇଭର ଓ ହେଲପର ଘଟଣାସ୍ଥଳରୁ ଫେରାର ହେବାରେ ସକ୍ଷମ ହୋଇଛନ୍ତି । ବିଳମ୍ବିତ ରାତ୍ରିରେ କୌଣସି ଏକ ଗାଡି ବେଲପଡ଼ା ଛକ ନିକଟରେ ଦୁର୍ଘଟଣା ଗ୍ରସ୍ତ ହୋଇଥିବା ବେଳେ ଏଥିରେ ୩ଟି ଗାଇଙ୍କ ମୃତଶରୀର ରାସ୍ତା ଉପରେ ବିକ୍ଷିପ୍ତ ଭାବେ ପଡ଼ି ରହି ରାସ୍ତା ଅବରୋଧ ହୋଇଥିଲା । ଫଳରେ ଉକ୍ତ ରାସ୍ତା ଜାମ ହୋଇ ବହୁ ଗାଡି ରାସ୍ତା ର ଅଟକି ରହିଥିଲା । ଏହି ସମୟରେ ଆନ୍ଧ୍ର ଅଭିମୁଖେ ଯାଉଥିବା ଏକ ଗୋରୁ ବୋଝେଇ କଣ୍ଟେନର ଗାଡି ରାସ୍ତା ଅବରୋଧ ଦେଖି ଭୟଭୀତ ହୋଇ ସେଠାରେ ଗାଡି ରଖି ଦେଇ ଡ୍ରାଇଭର ଓ ହେଲପର ଦୁହେଁ ଫେରାର ହୋଇ ଯାଇଥିଲେ । ଗାଡ଼ିର ନମ୍ବର ପ୍ଲେଟରେ କାଦୁଅ ବୋଳାଯାଇ ଥିବା ଯୋଗୁଁ ନମ୍ବର ଠିକ ଭାବେ ଦେଖାଯାଉ ନଥିଲା । ସ୍ଥାନୀୟ ଲୋକେ ସନ୍ଦେହରେ ଉକ୍ତ ଟ୍ରକକୁ ତନଖିବାରେ ସେଥିରେ ଅତି ଅମାନୁଷିକ ଭାବେ ଗୋରୁ ଗାଇଙ୍କୁ ବନ୍ଧାଯାଇଥିବା ଦେଖିବାକୁ ପାଇ ପୁଲିସକୁ ସୂଚନା ଦେଇଥିଲେ । ଖବର ପାଇ ବାଣପୁର ପୁଲିସ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ଗୋରୁ ବୋଝେଇ ଗାଡିକୁ ଜବତ କରିବା ସହିତ ଗାଡି ଭିତରୁ ୬୧ଟି ଗୋରୁ ଉଦ୍ଧାର କରି ଗୋଶାଳାକୁ ପଠାଇ ଦେଇଥିବା ସୂଚନା ମିଳିଛି । ବାଣପୁର ପୁଲିସ ଏନେଇ ୨୦୧/୨୪ରେ ମାମଲା ରୁଜୁ କରି ତଦନ୍ତ ଅବ୍ୟାହତ ରଖିଛି ।

## ଯୁକ୍ତ ଦୁଇ ପରୀକ୍ଷାରେ ବାଲୁଗାଁ-ବାଣପୁର ଛାତ୍ରଛାତ୍ରୀଙ୍କ ସଫଳତା

**ବାଣପୁର, ୨୮।୫(ସମିସ)**

ଚଳିତ ବର୍ଷର ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶିତ ହୋଇଛି । ଏଥିରେ ବାଣପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନ ବିଭାଗ ରେ ମୋଟ ୩୩୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇ ୩୧୨ ଜଣ ପାସ କରି ୨୨ ଜଣ ଛାତ୍ର ଛାତ୍ରୀ ଫେଲ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୦୨ ଜଣ, ଦ୍ୱିତୀୟ ଶ୍ରେଣୀରେ ୧୨୭ ଜଣ ଓ ତୃତୀୟ ଶ୍ରେଣୀରେ ୮୩ ଜଣ ଛାତ୍ର ଛାତ୍ରୀ ପାସ କରିଛନ୍ତି । ତନ୍ମଧ୍ୟରୁ ଛାତ୍ରୀ ଚିନ୍ମୟୀ ରାଉତରାୟ ସର୍ବାଧିକ ୫୦୬ ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ହେବାର ସଫଳତା ହାସଲ କରିଛନ୍ତି । କଳା ବିଭାଗରେ ମୋଟ ୩୨୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇ ୨୮୭ ଜଣ ପାସ କରି ୩୫ ଜଣ ଛାତ୍ରଛାତ୍ରୀ ଫେଲ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୯୬ ଜଣ, ଦ୍ୱିତୀୟ ଶ୍ରେଣୀରେ ୫୫ ଜଣ ଓ ତୃତୀୟ ଶ୍ରେଣୀ ରେ ୧୩୬ ଜଣ ଛାତ୍ରଛାତ୍ରୀ ପାସ କରିଛନ୍ତି । ତନ୍ମଧ୍ୟରୁ ଛାତ୍ର ଚନ୍ଦନ କୁମାର ଖୁଣ୍ଟିଆ ସର୍ବାଧିକ ୫୨୩ ନମ୍ବର ରଖି ପ୍ରଥମ ହୋଇଥିବା ବେଳେ ବାଣିଜ୍ୟ ବିଭାଗରେ ମୋଟ ୧୨ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇ ୧୦ ଜଣ ପାସ କରି ୨ ଜଣ ଛାତ୍ରଛାତ୍ରୀ ଫେଲ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୨ ଜଣ, ଦ୍ୱିତୀୟ ଶ୍ରେଣୀରେ ୧ ଜଣ ଓ ତୃତୀୟ ଶ୍ରେଣୀରେ ୭ ଜଣ ଛାତ୍ରଛାତ୍ରୀ ପାସ କରିଛନ୍ତି । ତନ୍ମଧ୍ୟରୁ ଛାତ୍ର ବାଦଲ ରଣସିଂହ ସର୍ବାଧିକ ୪୮୩ ନମ୍ବର ରଖି ପ୍ରଥମ ହେବାର କୃତିତ୍ୱ ଅର୍ଜନ କରିଛନ୍ତି । ସେହିପରି ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କଳା ବିଭାଗରେ ମୋଟ ୧୪୦ ଜଣ ଛାତ୍ରୀ ପରୀକ୍ଷା ଦେଇ ୧୩୦ ଜଣ ପାସ କରି ୧୦ ଜଣ ଛାତ୍ରୀ ଫେଲ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀ ରେ ୨୭ ଜଣ, ଦ୍ୱିତୀୟ ଶ୍ରେଣୀ ରେ ୩୬ ଜଣ ଓ ତୃତୀୟ ଶ୍ରେଣୀ ରେ ୬୭ ଜଣ ଛାତ୍ରୀ ପାସ କରିଛନ୍ତି । ତନ୍ମଧ୍ୟରୁ ଛାତ୍ରୀ ପୁନମ ପ୍ରଧାନ ସର୍ବାଧିକ ୪୮୫ ନମ୍ବର ରଖି ପ୍ରଥମ ହେବାର ସଫଳତା ହାସଲ କରିଛନ୍ତି । ଅନୁରୂପ ଭାବେ ବାଲୁଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନ ବିଭାଗରେ ମୋଟ ୮୩ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇ ୫୬ ଜଣ ପାସ କରିଥିବା ବେଳେ ୨୭ ଜଣ ଛାତ୍ରଛାତ୍ରୀ ଫେଲ ହୋଇଛନ୍ତି । ତନ୍ମଧ୍ୟରୁ ଛାତ୍ରୀ ସନ୍ଧ୍ୟାରାଣୀ ସାମନ୍ତସିଂହାର ସର୍ବାଧିକ ୪୪୭ ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ହେବାର ସଫଳତା ହାସଲ କରିଛନ୍ତି । ବିଦ୍ୟାଳୟର କଳା ବିଭାଗରେ ମୋଟ ୩୪୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇ ୩୨୦ଜଣ ପାସ କରି ୨୭ ଜଣ ଛାତ୍ରଛାତ୍ରୀ ଫେଲ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀ ରେ ୪୧ ଜଣ, ଦ୍ୱିତୀୟ ଶ୍ରେଣୀ ରେ ୩୬ ଜଣ ଓ ତୃତୀୟ ଶ୍ରେଣୀ ରେ ୨୪୩ ଜଣ ଛାତ୍ର ଛାତ୍ରୀ ପାସ କରିଛନ୍ତି । ତନ୍ମଧ୍ୟରୁ ଛାତ୍ରୀ ଶୈଳେନ୍ଦ୍ରୀ ପ୍ରଧାନ ସର୍ବାଧିକ ୪୮୨ ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ହେବାରେ କୃତିତ୍ୱ ଅର୍ଜନ କରିଛନ୍ତି ।

